# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 May - 2026

**************************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଭାବେ ବିଜେପି ବିଧାୟକ ଦଳର ନେତା ଶୁଭେନ୍ଦୁ ଅଧିକାରୀଙ୍କ ଶପଥ ଗ୍ରହଣ
- ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି, ସୁରକ୍ଷା ବୀମା  ଓ ଅଟଳ ପେନସନ୍ ଯୋଜନାକୁ ଆଜି ପୁରିଲା ୧୧ ବର୍ଷ
- ପରମ୍ପରା ଅନୁସାରେ ପୁରୀ ରଥଖଳାରେ ତିନିରଥରେ ଚକ ଅଖ ଡେରା ନୀତି ସମ୍ପନ୍ନ
- ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ସୋମବାର ସୁଦ୍ଧା ଲଘୁଚାପରେ ପରିଣତ ସମ୍ଭାବନା

ଏବଂ

- ରାଜ୍ୟରେ ଆଜିଠାରୁ ଆରମ୍ଭ ହେଉଛି ପ୍ରଥମ ସ୍କ୍ୱାଶ ଚାମ୍ପିଅନସିପ୍

Desk

# ଶୁଭେନ୍ଦୁ ଅଧିକାରୀ-ଟେକ୍ସ ଓଥ୍

ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଭାବେ ବିଜେପି ବିଧାୟକ ଦଳର ନେତା ଶୁଭେନ୍ଦୁ ଅଧିକାରୀ ଆଜି ଶପଥ ଗ୍ରହଣ କରିଛନ୍ତି । କୋଲକାତାର ବ୍ରିଗେଡ ପରେଡ ପଡ଼ିଆଠାରେ ଶପଥଗ୍ରହଣ ସମାରୋହରେ ଶ୍ରୀ ଅଧିକାରୀଙ୍କୁ ରାଜ୍ୟପାଳ ଆର୍.ଏନ୍. ରବି ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ବିଜେପି ପ୍ରଥମଥର ପାଇଁ ପଶ୍ଚିମବଙ୍ଗରେ ସରକାର ଗଠନ କରିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ ଭବାନୀପୁର ଓ ନନ୍ଦୀଗ୍ରାମ ବିଧାନସଭା ମଣ୍ଡଳୀରେ ନିର୍ବାଚିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀଙ୍କ ସହ ଦିଲ୍ଲୀପ ଘୋଷ, ଅଗ୍ନିମିତ୍ର ପାଉଲ, ଅଶୋକ କୀର୍ତ୍ତନିଆ, ଖୁଦିରାମ ଟୁଡୁ, ନିଶିତ ପ୍ରମାଣିକ ପ୍ରମୁଖ ମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି । ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ଏନ୍‌ଡିଏ ତଥା ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ପ୍ରମୁଖ ଯୋଗ ଦେଇଥିଲେ ।

Desk

# ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା

ସାଧାରଣ ନାଗରିକଙ୍କୁ ସୁରକ୍ଷା ପ୍ରଦାନ ଓ ଅସମୟରେ ଆର୍ଥିକ ସହାୟତା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାକୁ ଆଜି ୧୧ ବର୍ଷ ପୂରଣ ହୋଇଛି। ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା, ସୁରକ୍ଷାବୀମା ଯୋଜନା ଓ ଅଟଳ ପେନସନ୍ ଯୋଜନା ଭଳି ତିନୋଟି ସାମାଜିକ ଯୋଜନାକୁ ପଶ୍ଚିମବଙ୍ଗର କୋଲକାତାଠାରେ ଶୁଭାରମ୍ଭ କରିଥିଲେ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା

ଦେଶର ଅଣସଂଗଠିତ ବର୍ଗର ଲୋକଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ସୁରକ୍ଷିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ସେହିଭଳି ବୃଦ୍ଧାବସ୍ଥାରେ ଆର୍ଥିକ ସହାୟତା ଲକ୍ଷ୍ୟ ନେଇ ଅଟଳ ପେନସନ୍ ଯୋଜନା ଲାଗୁ କରାଯାଇଛି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ସେବା ପ୍ରଦାନ କରିବା ଏହି ଯୋଜନାଗୁଡ଼ିକର ମୁଖ୍ୟ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାର କୌଣସି ହିତାଧିକାରୀଙ୍କ ମୃତ୍ୟୁ ହେଲେ ପରିବାର ସଦସ୍ୟଙ୍କୁ ଆର୍ଥିକ ସହାୟତା ମିଳିଥାଏ। ୧୮ରୁ ୫୦ ବର୍ଷ ବୟସ୍କ ବ୍ୟକ୍ତି ଏଥିରେ ପଞ୍ଜୀକୃତ କରିବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି। ବାର୍ଷିକ ୪୩୬ ଟଙ୍କା ପ୍ରିମିୟମ

ବଦଳରେ ମୃତ୍ୟୁକାଳୀନ ସହାୟତା ରାଶି ବାବଦରେ ୨ ଲକ୍ଷ ଟଙ୍କା ମିଳିଥାଏ।  ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ସୁରକ୍ଷାବୀମା ଯୋଜନା ଦୁର୍ଘଟଣା ବୀମାକୁ ସରଳ, ସୁଲଭ ଓ ସହଜଲବ୍ଧ କରିଛି। ବର୍ତ୍ତମାନ ସୁଦ୍ଧା ଏଥିରେ ୫୮ କୋଟି ୯ ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜୀକରଣ କରିଛନ୍ତି। ସେଥିମଧ୍ୟରୁ ଏପ୍ରିଲ ମାସ ଶେଷ ସୁଦ୍ଧା ୩ ହଜାର ୬୭୬ କୋଟି ୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି।  ଆଗାମୀ ଦିନରେ ଏହି ଯୋଜନା ଆହୁରି ଅଧିକ ଲୋକଙ୍କ ନିକଟରେ ପହଁଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Desk

## ରବୀନ୍ଦ୍ର ନାଥ ଟାଗୋର ଜନ୍ମ ବାର୍ଷିକୀ

'ଜନ ଗଣ ମନ' ଭାରତର ଜାତୀୟ ସଂଗୀତର ରଚୟିତା ବିଶିଷ୍ଟ କବି, ସାହିତ୍ୟିକ, ଦାର୍ଶନିକ ଭାବେ ପରିଚିତ ରବୀନ୍ଦ୍ର ନାଥ ଟାଗୋରଙ୍କର ୧୬୫ତମ ଜନ୍ମ ବାର୍ଷିକୀ ଆଜି ପାଳନ କରାଯାଉଛି। କବିତା, ଉପନ୍ୟାସ, ଗଳ୍ପ, ନାଟକ, ପ୍ରବନ୍ଧ ରଚନା କ୍ଷେତ୍ରରେ ତାଙ୍କର ପାରଦର୍ଶିତା ଆଜି ବି ଉଜ୍ଜୀବିତ ରହିଛି। ପ୍ରସିଦ୍ଧ ଉପନ୍ୟାସ ଗୀତାଞ୍ଜଳି ପାଇଁ ତାଙ୍କୁ ୧୯୧୩ ମସିହାରେ ନୋବେଲ ପୁରସ୍କାର ଦିଆଯାଇଥିଲା। ବିଶ୍ୱକବିଙ୍କ ଦ୍ୱାରା

ଶାନ୍ତିନିକେତନଠାରେ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଗୁରୁଦେବ ଶ୍ରୀ ଟାଗୋରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଉପରାଷ୍ଟ୍ରପତି କହିଛନ୍ତି, ବିଶ୍ୱକବିଙ୍କ କାର୍ଯ୍ୟଶୈଳୀ ଏବଂ ଚିନ୍ତାଧାରାରେ ଭାରତୀୟ ସଭ୍ୟତାର ସମୃଦ୍ଧି ଓ ମାନବତାର ସାର୍ବଜନୀନ ମୂଲ୍ୟବୋଧ ପ୍ରତିଫଳିତ ହୋଇଥାଏ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରବୀନ୍ଦ୍ରନାଥ ଟାଗୋରଙ୍କୁ ଚିନ୍ତାନାୟକ, ଲେଖକ ଏବଂ ଅସାଧାରଣ ପ୍ରତିଭାର କବି ବୋଲି ବର୍ଣ୍ଣନା କରିଛନ୍ତି । ସମାଜକୁ ନୂତନ ଚିନ୍ତାଧାରା, ସୃଜନଶୀଳ ଶକ୍ତି ଏବଂ ସାଂସ୍କୃତିକ ଆତ୍ମବିଶ୍ୱାସରେ ଗୁରୁଦେବ ସମାଜକୁ ସମୃଦ୍ଧ କରିଥିଲେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

Desk

## ମୁଖ୍ୟମନ୍ତ୍ରୀ– ଜନଶୁଣାଣି

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ସୋମବାର ଦିନ ବନ୍ଦ ରହିବ। ଭୁବନେଶ୍ୱରଠାରେ ହେବାକୁ ଥିବା ଏହି ଶୁଣାଣି କାର୍ଯ୍ୟକୁ ବନ୍ଦ ରଖାଯାଇଥିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ

ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

CTC/BHK

## ରାଷ୍ଟ୍ରୀୟ ଲୋକଅଦାଲତ

ରାଜ୍ୟର ସମସ୍ତ ଜିଲ୍ଲାରେ ଆଜି ରାଷ୍ଟ୍ରୀୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି। ଓଡ଼ିଶା ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ତଥା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନଙ୍କ ତତ୍ତ୍ୱାବଧାନରେ ଅଦାଲତ ଆୟୋଜନ କରାଯାଉଛି। ରାଜ୍ୟର ବିଭିନ୍ନ ଜିଲ୍ଲା କୋର୍ଟରେ ଦୁର୍ଘଟଣା, ବୀମା ଅପରାଧ, ଚାକିରି ସମ୍ବନ୍ଧୀୟ ଆଦି ମାମଲାଗୁଡ଼ିକର ଶୁଣାଣି ଜାରି ରହିଛି।

ଭଦ୍ରକ ଜିଲ୍ଲା ନଳାଙ୍ଗ ଜଜ୍ କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ଜିଲ୍ଲା ଦୌରାଜଜ୍ ଓ ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷଙ୍କ ଉପସ୍ଥିତିରେ ମୋଟ୍ ୪୫୬ଟି ମୋକଦ୍ଦମାର ଆପୋଷ ସମାଧାନ କରାଯାଇଛି। ବିଭିନ୍ନ ମାମଲାର ଶୁଣାଣିରୁ ମୋଟ୍ ୨ କୋଟି ୧୨ ଲକ୍ଷ ୪୫ ହଜାର ୩୬୪ ଟଙ୍କା ଆଦାୟ କରାଯାଇଛି।

Desk

# ଶ୍ରୀକ୍ଷେତ୍ରେ ଭଉଁରୀ

ଶ୍ରୀକ୍ଷେତ୍ର ପୁରୀରେ ଭଉଁରୀ ଯାତ୍ରା ଅବସରରେ ଆଜି ପରମ୍ପରା ଅନୁସାରେ ରଥଖଳାରେ ତିନିରଥରେ ଚକଅଖ ଡେରା ନୀତି ସମ୍ପନ୍ନ ହୋଇଛି। ସକାଳ ଧୂପ ନୀତି ଶେଷ ହେବା ପରେ ଘଣ୍ଟଛତା ବିଜେ କାହାଳୀ ସହ ପଟୁଆରରେ ଆଜ୍ଞାମାଳ ବିଜେ ହୋଇଥିଲା । ପୂଜାପଣ୍ଡା ସେବକମାନେ ବିଧି ଅନୁଯାୟୀ ତିନି ରଥପାଇଁ ଆଜ୍ଞାମାଳକୁ ରଥଖଳାରେ ବିଜେ କରିବା ପରେ ତିନିରଥର ଚକ ସହ ଅଖ ସଂଯୋଗ ହୋଇଥିଲା। ଆଜି ବାହାର ଚନ୍ଦନଯାତ୍ରାର ଶେଷ ଦିବସରେ ନରେନ୍ଦ୍ର ପୁଷ୍କରିଣୀରେ ରାତ୍ର ଚାପରେ ୨୧ ଘେରା ଜଳକ୍ରୀଡ଼ା ସହ ଭଉଁରୀ ବିଧି ଅନୁଷ୍ଠିତ ହେବ । ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ କହିଛନ୍ତି...

**- V/O -**

Boudh/Desk

# ସୋମନାଥ ଅମ୍ରିତ ପର୍ବ

ଗୁଜୁରାଟ ସ୍ଥିତ ସୋମନାଥ ମନ୍ଦିରର ପୁନଃ ନିର୍ମାଣର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ 'ସୋମନାଥ ଅମୃତ ପର୍ବ ୨୦୨୬' ପାଳନ କରାଯାଉଛି । ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବ ମନ୍ଦିରର ଐତିହାସିକ

ଗୁରୁତ୍ୱ ଏବଂ ସ୍ଥାୟୀ ଐତିହ୍ୟକୁ ପ୍ରତିପାଦନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସୋମବାର ଦିନ ସୋମନାଥ ମନ୍ଦିର ଗସ୍ତରେ ଯିବେ ।

୧ ହଜାର ୨୬ ମସିହାରେ ସୋମନାଥ ମନ୍ଦିର ଉପରେ ପ୍ରଥମଥର ପାଇଁ ଆକ୍ରମଣ ହୋଇଥିଲା । ଚଳିତବର୍ଷ ଏହାର ୧ ହଜାର ବର୍ଷ ପୂରଣ ହୋଇଛି । ୧୯୫୧ ମସିହାରେ ସୋମନାଥ ମନ୍ଦିର ପୁନଃ ଖୋଲିଥିଲା । ଚଳିତବର୍ଷ ଏହାର ୭୫ତମ ବାର୍ଷିକୀ ପାଳନ କରାଯାଉଛି । ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ୧୯୫୧ ମସିହାରେ ଏହାକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଭଗବାନ ଶିବଙ୍କ ୧୨ଟି ଆଦି ଜ୍ୟୋର୍ତିଲିଙ୍ଗ ମଧ୍ୟରୁ ପ୍ରଥମ ଭାବରେ ସୋମନାଥ ମନ୍ଦିର ଏକ ପବିତ୍ର ସ୍ଥାନ ଭାବେ ମାନ୍ୟତା ଲାଭ କରିଛି ।

ବୌଦ୍ଧ ଜିଲ୍ଲାରେ ସୋମନାଥ ସ୍ୱାଭିମାନ ପର୍ବର  ୧ ହଜାର ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ସେମାବାର ଦିନ ଜିଲ୍ଲାର ପବିତ୍ର ରାମେଶ୍ୱର ମନ୍ଦିର ପରିସରରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

Desk

## ହସ୍ପିଟାଲ ନୂତନ ଗୃହ ଉଦ୍‌ଘାଟନ

ଭଦ୍ରକ ଜିଲ୍ଲା ଧୁଷୁରୀ ବିଜ୍ଞପିତ ଅଞ୍ଚଳ ପରିଷଦରେ ଧୁଷୁରୀ ଏରିଆ ହସ୍ପିଟାଲର ନୂତନ ଗୃହକୁ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ

ଉଦ୍‌ଘାଟନ କରିଛନ୍ତି। ନୂତନ ହସ୍ପିଟାଲ ଦ୍ୱାରା ଅଞ୍ଚଳର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ। ଅଧିକରୁ ଅଧିକ ରୋଗୀ ଉନ୍ନତ ଚିକିତ୍ସା ସେବା ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି। ଏହି ଅବସରରେ ଧୁଷୁରୀ ଅଞ୍ଚଳରେ ଏକ ସଫେଇ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି।

Nabarangpur

## ଆଥଲେଟିକ୍ ପ୍ରଶିକ୍ଷଣ

ନବରଙ୍ଗପୁର ଜିଲ୍ଲା ଉମରକୋଟସ୍ଥିତ  ସଂଗ୍ରାମୀ ରବି ସିଂହ ମାଝୀ କ୍ରୀଡ଼ା ପ୍ରେକ୍ଷାଳୟଠାରେ ଆୟୋଜିତ  ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି। ଫୁଟବଲ ଓ ଅନ୍ୟାନ୍ୟ ଆଥଲେଟିକ୍ ବର୍ଗରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କ୍ରୀଡ଼ାବିତ୍‌ଙ୍କୁ ପ୍ରଶିକ୍ଷଣ ଦିଆଯିବ। ଶିବିରରେ ୯ଟି ଜିଲ୍ଲାରୁ ୧୪୦ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି।

Desk

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ସୋମବାର ସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ସମୁଦ୍ର ଅଶାନ୍ତ ହୋଇଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଚଳିତ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଓ ଆଣ୍ଡାମାନ-ନିକୋବର ଦ୍ୱୀପରେ ମୌସୁମୀ ପହଁଞ୍ଚିବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

Desk

# ସ୍କ୍ୱାସ୍ ଚାମ୍ପିୟନସିପ୍

ରାଜ୍ୟରେ ଆଜିଠାରୁ ପ୍ରଥମଥର ପାଇଁ ସ୍କ୍ୱାସ୍ ଚାମ୍ପିୟନସିପ୍ ଆରମ୍ଭ ହେଉଛି । ଭୁବନେଶ୍ୱର ନୟାପଲ୍ଲୀରେ ଆୟୋଜିତ ହେବାକୁ ଥିବା ଦୁଇ ଦିନିଆ ପ୍ରତିଯୋଗିତାରେ ମୋଟ୍ ୬ଟି ଜିଲ୍ଲାରୁ ମହିଳା, ପୁରୁଷ ଏବଂ ୩୫ ବର୍ଷରୁ ଊର୍ଦ୍ଧ୍ୱ ମାଷ୍ଟର୍ସ ବର୍ଗରେ ୩୪ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି।